# Akashvani, Sambalpur

## SAMBALPURI NEWS EVENING BULLETIN

**21 August 2025- 7.02 pm- 7.12 pm.**

**********************************************

୧- ସଂସଦ୍‌ର ଦୁହି ସଦନ୍ ଅନିର୍ଦ୍ଧିଷ୍ଟ ସମିଆ ଲାଗି ହେଲା ମୁଲ୍‌ତବୀ ।

-ସଂସଦ୍ ନ ପାରିତ୍ ହେଲା ଅନ୍‌ଲାଇନ୍ ଗେମିଂ ପ୍ରସାରଣ୍ ଆଉ ନିୟନ୍ତ୍ରଣ ବିଲ୍-୨୦୨୫ ।

୨- ସପ୍ତଦଶ ବିଧାନ ସଭାର ମୌସୁମୀ ଅଧିବେଶନ୍ ଆଏବା ୧୮ ତାରିଖ୍‌ନୁ ହେବା ମୁଲ୍ ।

୩- ରାଏଜେ ହାତୀ ସଂରକ୍ଷଣକେ ନେଇକରି ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କରାଯିବା ନୂଆ ଯୋଜ୍‌ନା, କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ନାମାଙ୍କନ ପତ୍ର ଦାଖଲ୍ କଲେ ଇଣ୍ଡି ମେଂଟର୍ ଉପରାଷ୍ଟ୍ରପତି ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ।

୫- ଆଏବା ୩୧ ତାରିଖ୍ ହେବାର୍‌କେ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ୍ ।

ଅନ୍‌ଲାଇନ୍ ଗେମିଂ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଲୋକ ସଭା ଆଉ ରାଜ୍ୟ ସଭାକେ ଆଏଜ୍ ଅନିର୍ଦ୍ଧିଷ୍ଟ ସମିଆ ଲାଗି ମୁଲତବୀ କରାଯାଇଛେ । ପାର୍ଲାମେଂଟର ଇ ମୌସୁମୀ ଅଧିବେଶନ୍ ଗଲା ମାସର୍ ୨୧ ତାରିଖ୍ ମୁଲ୍ ହେଇଥିଲା । ଭିନ୍ ଭିନ୍ ବିଷେକେ ନେଇକରି ବିରୋଧିଙ୍କର ହୋ-ହଲ୍ଲା ଭିତ୍‌ରେ ବହୁତ୍‌ଟେ ବିଧେୟକ୍ ପାରିତ୍ ହେଇଛେ । ଆଏଜ୍ ଶେଷ୍ ଦିନେ ରାଜ୍ୟ ସଭା ନ ଅନ୍‌ଲାଇନ୍ ଗେମିଂ ପ୍ରସାର ଆଉ ନିୟନ୍ତ୍ରଣ ବିଧେୟକ୍-୨୦୨୫ ପାରିତ୍ ହେଇଛେ । ଇତାର୍ ଆଘୋନୁ ଗଲାକାଏଲ୍ ଇ ବିଧେୟକ୍ ଲୋକ ସଭା ନ ପାରିତ୍ ହେଇଥିଲା । ଇ କ୍ରୀଡ଼ା ଆଉ ଅନ୍‌ଲାଇନ୍ ସାମାଜିକ୍ ଖେଲ୍‌କେ ଇ ବିଲ୍ ତହଁକଉଥିବାର୍ ବେଲେ ଆର୍ଥିକ୍ କାରବାର, ବିଜ୍ଞାପନ୍ ବାଗିର୍ ଜିନିଷ୍‌ନୁ ଲୁକ୍‌କୁ ସୁରକ୍ଷା ଦେବା । ଇ କ୍ଷେତ୍ରଥି ରଣନୈତିକ୍ ବିକାଶ, ନିୟାମକ୍ ତଦାରଖ ଆଉ ଗୁଟେ ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର୍ ବ୍ୟବସ୍ଥା ରହିଛେ । ଇ ବାବ୍‌ଦେ ଗୁଟେ ରିପୋର୍ଟ.....

(ଭଏସ୍- ବିସ୍ମିତା ପଧାନ)

ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା ଗଲା ୧୧ ବଛର୍ ଭିତ୍‌ରେ ଭାରତୀୟ ମାନ୍‌କର ଜୀବନ୍‌ଥି ବଡ଼ ବଦ୍‌ଲାବ୍ ଆନିଛେ । ଡିଜିଟାଲ୍ ଇଣ୍ଡିଆ,

ଡିଜିଟାଲ୍ ସାର୍ବଜନୀନ୍ ଭିତିଭୂମି, ୟୁପିଆଇ ପେମେଂଟ ବ୍ୟବସ୍ଥା, ପାଇଭ୍-ଜି ସଂଯୋଗ୍ ଆଉ ସେମି କଣ୍ଡକଟର୍ ଇକୋ ସିଷ୍ଟମ୍ ଦେଶ୍କେ ଅଗ୍ରଗତିର୍ ଶିଘାଥି ପୁହୁଁଚେଇଛେ । ପ୍ରଯୁକ୍ତି ବିଦ୍ୟାର୍ ଉପଯୋଗ୍ଥି ନାଗରିକମାନ୍ଙ୍କୁ ଭିନ୍ ଭିନ୍ ସୁବିଧା ମିଲୁଥିବାର୍ ବେଲେ ଇତାର୍ ସହେତେ ନୂଆ ବିପଦ୍ ଭିଲ୍ ମାଡ଼ି ଆସିଛେ । ଖାସ୍ କରି ପ୍ରଯୁକ୍ତି ବିଦ୍ୟାର୍ ଦୁରୁପଯୋଗ୍ କାରଣନୁ ହଉଥିବା ନୁକ୍ସାନ୍‌ନୁ ସମାଜ୍‌କେ, ଖାସ୍ କରି ୟୁଆନ୍ ପିଢ଼ିକେ ସୁରକ୍ଷିତ୍ ରଖ୍‌ବାର୍ ଲାଗି ଅନ୍‌ଲାଇନ୍ ଗେମିଂ ପ୍ରସାରଣ ଆଉ ନିୟନ୍ତ୍ରଣ ବିଲ୍ ୨୦୨୫ ଆଗତ୍ କରାଯାଇଛେ । ବ୍ୟକ୍ତିବିଶେଷ, ଖାସ୍ କରି ୟୁଆନ୍ ବର୍ଗ ଇଖେଲ୍‌ର ସାମାଜିକ୍, ଆର୍ଥିକ୍, ମାନସିକ ଆଉ ଗୋପନୀୟତାର୍ କୁପ୍ରଭାବ୍‌ନୁ ସୁରକ୍ଷା ଦେବାର୍‌ଟା ଇ ବିଧେୟକ୍‌ର ମୁଖିଆ ଲକ୍ଷ୍ୟ ଆଏ । ଜନସ୍ୱାର୍ଥକ ନଜର୍‌ଥି ରଖିକରି ସମନ୍ୱିତ୍ ଜାତୀୟ ସ୍ତରୀୟ ଆଇଗତ ଢାଂଚା ଥାପ୍‌ନା ଲାଗି ଇ ବିଧେୟକ୍‌ଥି ବ୍ୟବସ୍ଥା ରହିଛେ । ଅନ୍‌ଲାଇନ୍ ଗେମିଂ ବିଧେୟକ୍ ଥି ବେଆଇନ୍ ଆର୍ଥିକ୍ କାର୍‌ବାର ଆଉ ଆଇନ୍ ଉଲ୍ଲଂଘନ୍ କ୍ଷେତ୍ରଥି ୩ ବଛର୍ ତକ୍ ଜେଲ୍ ଆଉ ୧ କୋଟି ଟଙ୍କା ତକ୍ ଜରିମାନାର୍ ବ୍ୟବସ୍ଥା ରହିଛେ ।

ଇ ବାବ୍‌ଦେ କଲାହାଣ୍ଡିର୍ ବିଶିଷ୍ଟ ଶିକ୍ଷାବିଦ୍ ପରମେଶ୍ୱର ମୁଣ୍ଡ କହିଛନ୍......

(ଭଏସ୍ ଓଭର------ପରମେଶ୍ୱର ମୁଣ୍ଡ)

ବିଧାନ ସଭା ମୌସୁମୀ ଅଧିବେଶନ ଭୁବନେଶ୍ୱର

ସମ୍ବାଦଦାତା

ଓଡ଼ିଶା ବିଧାନସଭାର୍ ମୌସୁମୀ ଅଧିବେଶନ୍ ଆଏବା ମାସର୍ ୧୮ ତାରିଖିନୁ ମୁଲ୍ ହେବା । ବିଧାନ୍ସଭା ସଚିବାଲୟର୍ ସୂଚ୍ନା ଅନ୍ସାରେ ଅଧିବେଶନ୍ ସେପ୍ଟେମ୍ବର ୧୮ ତାରିଖିନୁ ୨୫ ତାରିଖିତକ୍ ଚାଲ୍ବା । ଅଧିବେଶନ୍ଥି ମୋଟ୍ ୭ଟା କାର୍ଯ୍ୟଦିବସ୍ ରହେବା । ଇ ଅବ୍ସରେ ବହୁତ୍ରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପ୍ରେ ଆଲୋଚନା ହେବା ବଲି ଜନାପଡ଼ିଛେ ।

ଅଲ୍ଗା ଚାଷ୍କେ ପ୍ରୋତ୍ସାହନ୍ ହି.ସ.

ରାଏଜେ ଧାନ୍ ଚାଷ ଛଡ଼ା ଅଲ୍ଗା ଫସଲ୍କେ ତହଁକାବାର୍ ଲାଗି ନୂଆ ଯୋଜ୍ନା ଅନାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍, ଧାନ୍ ଚାଷ୍ ଲାଗି ୮ ଶହ ଟଙ୍କା ଇନ୍ପୁଟ୍ ସାହାଜ୍ ବଢ଼ାଯାଇଛେ । ସେଥିରଲାଗି ଚାଷୀମାନେ ଧାନ୍ଚାଷ୍ କର୍ବାର୍କେ ଅଏତ୍କା ଆଗ୍ରହ ଦେଖଉଛନ୍ । ଚାଷୀମାନ୍କର ଇ ଆଗ୍ରହ ଲାଗି ଅଲ୍ଗା ଫସଲ୍ ଚାଷ୍ ପ୍ରଭାବିତ୍ ହେବାର୍ ଆଶଙ୍କା ଦେଖାଦେଇଛେ ।

ଇତାକେ ନଜର୍‌ଥି ରଖିକରି ଅଲ୍‌ଗା ଫସଲ୍ ଚାଷ୍‌କେ ତହଁକବାର୍ ଲାଗି ସରକାର ବିଚାର୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା ସମୀକ୍ଷା I&PR

ଗୋପାଲନ୍ କରୁଥିବା ଚାଷୀ ଆଉ କୃଷି ଉଦ୍ୟୋଗୀମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନାର୍ ଲାଭ୍ ଉଠାବାର୍‌କେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରାମର୍ଶ ଦେଇଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନାର ଅଗ୍ରଗତିର୍ ସମୀକ୍ଷା କରିକରି ଶ୍ରୀ ଆହୁଜା ଚାଷୀମାନ୍‌କର ଆର୍ଥିକ୍ ସଶକ୍ତୀରଣ ଯେନ୍ତା ହେଇପାର୍‌ବା ସେଥିର୍ ଲାଗି ଯୋଜ୍‌ନାର ପ୍ରଭାବୀ କାର୍ଯ୍ୟାନ୍ୱୟନ୍ ଉପ୍‌ରେ ଜୋର୍ ଦେଇଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ଯୋଜ୍‌ନାଥି ଏବ୍‌ତକ୍ ୪ ହଜାର ୫ଶହ ୩୧ଟା ଗାଈ ଚାଷୀମାନ୍‌ଙ୍କୁ ବଂଟାଯାଇଛେ । ଇତାର୍ ଜରିଏ ଦିନ୍‌କ ୪୫ ହଜାର ଲିଟର୍ ଅଏତ୍‌କା ଗୁରସ୍ ଉତ୍ପାଦନ୍ କରାଯାଇପାରୁଛେ । ସେନ୍ତା ୨୦୨୪-୨୫ ବଛ୍‌ରେ ମଇଁଷି ଉଦ୍ୟୋଗୀ ବିକାଶ ଯୋଜ୍‌ନାଥି ୫ ଶହ ୬୮ଟା ପ୍ରକଳ୍ପ ଶେଷ୍ ହେଇଥିବାର୍ ବେଲ୍‌କେ ୮ କୋଟିନୁ ଅଏତ୍‌କା

ଟଙ୍କାର୍ ସବ୍ସିଡି ଦିଆଯାଇଛେ ଆଉ ୨୦୨୫-୨୬ ବଛ୍ରେ ଇହାଦେ ତକ୍ ୭୫ଟା ପ୍ରକଳ୍ପ ମଞ୍ଜୁର ହେଇକରି ୧ କୋଟିନୁ ଅଏତ୍କା ଟଙ୍କାର୍ ସବ୍ସିଡି ଦିଆଯାଇଛେ ।

ଜିଏପ୍ଟିସିଏଚ୍ ଉଦ୍ଘାଟନ୍ I&PR

ଭୁବନେଶ୍ୱରଠାନେ ଆଏବାକାଏଲ୍ ଗୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କେପାବିଲିଟି ହବ୍-ଜିଏପ୍ଟିସିଏଚ୍ର ଶୁଭାରମ୍ଭ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତାର୍ ଶୁଭାରମ୍ଭ କର୍ବେ । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ରାଜ୍ୟ ସ୍ୱାସ୍ଥ୍ୟ ଆଉ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ । କାର୍ଯ୍ୟକ୍ରମକେ ନେଇକରି ବିଭାଗୀୟ ସଚିବ ଆଉ ଅଧିକାରୀମାନ୍କର ସଙ୍ଗେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ ।

ହାତୀ ସୁରକ୍ଷା ଭୁବନେଶ୍ୱର ସମ୍ବାଦଦାତା

ଓଡ଼ିଶା, ହାତୀ କରିଡର୍‌ଥି ଦେଶେ ପହେଲା ଜାଗାନ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଚନ୍ଦକା ଗୋଡ଼ିବାରିଠାନେ ଆଏଜ୍ ହାତୀମାନକର୍ ଗବେଷଣା ଲାଗି ଖାସ୍ କେନ୍ଦ୍ର ଆଉ ଦୁଇଦିନିଆ 'ମାନବ-ହାତୀ ସହାବସ୍ଥାନ' ଶୀର୍ଷକ୍ ଅନ୍ତର୍ଜାତୀୟ କର୍ମଶାଲାକେ ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ହାତୀମାନେ ଜନବସତିମୁହାଁ ନାଇଁ ହେବାର୍ ଲାଗି ଜଙ୍ଗଲ ନ ଧାନ୍ ଚାଷ ଆଉ ପାନିର୍ ସୁବିଧା କରାଯିବାର୍ ଉପ୍‌ରେ ସରକାର ଜୋର୍ ଦଉଛନ୍ । ହାତୀ ସଂରକ୍ଷଣ ବାବ୍‌ଦେ ଖାସ୍ ଯୋଜ୍‌ନା ଖୋବ୍ ଜଲ୍‌ଦି ଅନାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍-----ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ଏଛେନ୍‌କା ୨ ହଜାର ଶହେଟା ହାତୀ ଥିବାର୍‌ନୁ ସେମାନ୍‌କର ସୁରକ୍ଷା ଲାଗି ଖାସ୍ ଧ୍ୟାନ ଦିଆଯାଉଛେ । ଗଲା ୧୦ ବଛ୍‌ରେ ହାତୀ-ମୁନୁଷ୍ ଲଢ଼େଇଥି ୯ ଶହ ଲୁକ୍‌ର୍ ଜୀବନ୍ ଯାଇଥିଲା ବେଲ୍‌କେ ୭୦୦ଟା ହାତୀର୍ ଜୀବନ୍ ଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବି. ସୁଦର୍ଶନ ରେଡ୍ଡି ନାମାଙ୍କନ       ଏନ୍‌ଏସ୍‌ଡି

ଇଣ୍ଡି ମେଂଟର୍ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସୁପ୍ରିମ୍‌କୋର୍ଟର ଆଘର ବିଚାରପତି ବି. ସୁଦର୍ଶନ ରେଡ୍ଡୀ ଆଏଜ୍ ସଂସଦ ଭବନ୍‌ଠାନେ ନାମାଙ୍କନ ପତ୍ର ଦାଖଲ୍ କରିଛନ୍ । ନାମାଙ୍କନ ପତ୍ର ଦାଖଲ୍ ସମିଆଥି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ, ବିରୋଧୀ ଦଲ୍ ନେତା ରାହୁଲ ଗାନ୍ଧୀ, ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ଏନ୍‌ସିପି -ଏସ୍‌ସିପି ନେତା ଶରତ ପାଓ୍ୱାରଙ୍କ ସହେତେ ଅଲ୍‌ଗା ନେତାମାନେ ଉପସ୍ଥିତ ଥିଲେ ।

ଆଏବାକାଏଲ୍ ନାମାଙ୍କନ ପତ୍ର ମାନ୍‌କର୍ ଯାଂଚ କରାଯିବା ଆଉ ୨୫ ତାରିଖ୍‌ତକ୍ ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯାଇ ପାର୍‌ବା । ଆଏବା ମାସର ୯ ତାରିଖ୍ ଦିନ ଉପରାଷ୍ଟ୍ରପତି ନିର୍ବାଚନ ହେବା ।

କୃଷି ବିଭାଗ ନିର୍ଦ୍ଦେଶ୍‌ନାମା       I&PR

କୃଷି ଆଉ କୃଷକ୍ ସଶକ୍ତୀକରଣ ବିଭାଗ୍‌ର ଅଧିକାରୀମାନେ ବିଲମ୍ ନାଇ କରି କରି ତୁର୍‌ତି ନିଯୁକ୍ତ ଜାଗାମାନ୍‌କେ ଯୋଗ୍‌ଦେବାର୍ ଲାଗି ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାର୍

କରାଯାଇଛେ । ପଦୋନ୍ନତି ପାଇଥିବା କି ବଦ୍‌ଲି ହେଇଥିବା ଅଧିକାରୀମାନେ ତୁର୍‌ତି କାମ୍ ଥି ଯୋଗ୍ ଦେବାର୍ ଲାଗି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ନିର୍ଦ୍ଦେଶ ଖିଲାପକାରୀମାନ୍‌କର ବିରୋଧିଥି ଶୃଙ୍ଖଲାଗତ୍ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇତାର୍ ସହେତେ ଆଏବାମାସୁ ଦରମା ବନ୍ଦ କରାଯିବା ବଲି ଡକ୍ଟର ପାଢ଼ୀ କହିଛନ୍ ।

ଏସ୍‌ଓଟିଇଟି ପରୀକ୍ଷା ସ୍ଥଗିତ୍ କଟକ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍-ବିଏସ୍‌ଇ ତର୍‌ଫୁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକେ ଫେର୍ ଘାଏ ସ୍ଥଗିତ୍ ରଖାଯାଇଛେ । ଇ ପରୀକ୍ଷା ଆଏବା ୩୧ ତାରିଖ୍ ହେବାର୍‌କେ ଥିଲା । ମାତର୍‌କ କିଛିଟା ଅନିବାର୍ଯ୍ୟ କାରଣ ଲାଗି ପରୀକ୍ଷାକେ ସ୍ଥଗିତ୍ ରଖାଯାଇଛେ ଆଉ ଖୋବ୍ ଜଲ୍‌ଦି ପରୀକ୍ଷା କରାଯିବା ବଲି ପରିଷଦ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଜିଲ୍ଲାପାଳ ଗସ୍ତ     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ କଂଟାମାଲ୍ ବ୍ଲକ୍ର ଭିନ୍ ଭିନ୍ କ୍ଷେତ୍ର ଅନୁଧ୍ୟାନ୍ କର୍ବାର୍ ସହେତେ ଉନ୍ନୟନ୍ ପ୍ରକଳ୍ପର୍ ଅଗ୍ରଗତି ନେଇକରି ସମୀକ୍ଷା କରିଛନ୍ । ଇ ଅବ୍ସରେ କଂଟାମାଲ୍ ପଂଚାୟତ୍ କଲେଜ୍ ନ ଅଧ୍ୟାପକ, ଅଧ୍ୟାପିତା ଆଉ ଛାତ୍ରଛାତ୍ରୀମାନ୍ଙ୍କର୍ ସଙ୍ଗେ କଲେଜ୍ର ଅସ୍ବିଧା ବାବ୍ଦେ ଆଲୋଚନା କରିଛନ୍ । ବରଗୋଛା ପାଖେ ପାନୀୟ ଜଲ୍ ପ୍ରକଳ୍ପର୍ ପାଇପ୍ ଫାଟି ଯାଇଥିବାର୍ନୁ ଜିଲ୍ଲାପାଲ୍ ଗ୍ରାମ୍ୟ ପାନୀୟ ଜଲ୍ ଯୋଗାଣ ଆଉ ପୂର୍ତ୍ତ ବିଭାଗ୍ ଯନ୍ତ୍ରୀଙ୍କୁ ସମସ୍ୟାର୍ ସମାଧାନ୍ କର୍ବାର୍କେ ନିର୍ଦ୍ଦେଶ୍ ଦେଇଛନ୍ । ତାର୍ ଉତ୍ରୁ ଜିଲ୍ଲାପାଲ ବରଗୋଛା ଆବାସିକ୍ ବିଦ୍ୟାଳୟ ନ ଭିତିଭୂମି ଅନୁଧ୍ୟାନ୍ କରିଥିଲେ ।

ଜନଶୁଣାଣି     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଚାରିଛକ୍ ନ ଥିବା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟଠାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ବାବ୍ଦେ ବ୍ଲକ୍ସ୍ତରୀୟ ଜନଶୁଣାଣି ହେଇଯାଇଛେ । ଇ ଜନ ଶୁଣାଣି ଥି ମନରେଗା ବାବଦ୍ ୩୪ଟା ଅଭିଯୋଗ୍ ଆସିଥିବାର୍ ବେଲେ

ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ୍‌ଥି ୫୩ଟା ଅଭିଯୋଗ୍ ଆସିଥିଲା । ସେ ସବୁ ଭିତ୍‌ରୁ କେତେଝନ୍ ହିତାଧିକାରୀଙ୍କର୍ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ସ୍ୱାସ୍ଥ୍ୟ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଡିଗ୍ରୀ ମହିଲା କଲେଜ୍ ନ ଜାତୀୟ ସେବା ଯୋଜ୍‌ନାର୍ ମହିଲା ୟୁନିଟ୍ ତର୍‌ଫୁ ସ୍ୱାସ୍ଥ୍ୟ ସଚେତନ୍‌ତା ଶିବିର୍ ହେଇଯାଇଛେ । ଶିବିର୍‌ଥି ଡାକ୍ତରମାନେ ଲୁକ୍‌କର ସ୍ୱାସ୍ଥ୍ୟ ପରୀକ୍ଷା କର୍‌ବାର୍ ସହେତେ ମାହାଲିଆ ଉଷୋ ବାଂଟିଥିଲେ । ୨୦ନୁ ଅଏତ୍‌କା ଝନ୍‌କର ରକ୍ତଚାପ ଆଉ ମଧୁମେହ ରୋଗର ପରୀକ୍ଷା କରାଯାଇଥିଲା । ଇ ଅବ୍‌ସରେ ନିଶାମୁକ୍ତ ଅଭିଯାନ୍ କାର୍ଯ୍ୟକ୍ରମ୍ ଭିଲ୍ ହେଇଥିଲା ।

ଜନ୍ତୁ ଶିକାରୀ ଗିରଫ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଭାଲୁକୋନା ଗାଁ ପାଖର୍ ଜଙ୍ଗଲ ନ ବନ ବିଭାଗ୍ ତରଫୁ ଚଢ଼ଉ କରାଯାଇକରି ଜନ୍ତୁ ଶିକାରଥି ବେଭାର୍ କରାଯାଉଥିବା ବହୁତ୍ଟେ ସାମାନ୍ ଜବତ୍ କରାଯାଇଛେ । ଇଥି ବିଜ୍ଲି ତାର୍ ରହିଛେ । ଇତାର୍ ସହେତେ ୩ ଝନ୍ ଅଭିଯୁକ୍ତଙ୍କୁ ଗିରଫ୍ କରି କରି କୋର୍ଟ ଚାଲାଣ କରାଯାଇଛେ ବଲି ଖଡ଼ିଆଳ ବନ ଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ କହିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପସାଗର ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସମ୍ବଲ୍ପୁର୍, ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ବର୍ଗଡ୍ ସହେତେ ରାଜ୍ୟର ୧୦ ଟା ଜିଲ୍ଲା ନ ଘଡ୍ଘଡ଼ି ସାଙ୍ଗେ ଜବର୍ ବର୍ଷା ହେଇପାରେ ବଲି  ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।